# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**31 October – 2025**

## ଜାତୀୟ ଏକତା ଦିବସ

ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜନ୍ମବାର୍ଷିକୀକୁ ସ୍ୱତନ୍ତ୍ର କରିବା ପାଇଁ ଦେଶବ୍ୟାପୀ ଏକତା ଗଣଦୌଡ଼ର ଆୟୋଜନ କରାଯାଇଛି।  'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ପୁନଃ ସୁଦୃଢ଼ କରିବା ପାଇଁ ଦେଶବ୍ୟାପୀ 'ଏକତା ପାଇଁ ଗଣଦୌଡ଼' ଅଭିଯାନ ଆରମ୍ଭ ହୋଇଛି ।

ଗୁଜୁରାଟର କେଭାଡ଼ିଆଠାରେ ରାଷ୍ଟ୍ରୀୟ ଏକତା ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ 'ଷ୍ଟାଚ୍ୟୁ ଅଫ୍ ୟୁନିଟ୍'ଠାରେ ସର୍ଦ୍ଦାର ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶକୁ ଏକତା ସୂତ୍ରରେ ବାନ୍ଧିବାରେ ସର୍ଦ୍ଦାର ପଟେଲଙ୍କର ଅମୂଲ୍ୟ ଯୋଗଦାନକୁ ରାଷ୍ଟ୍ରୀୟ ଏକତା ଦିବସ ସମ୍ମାନ ଜଣାଉଛି । ଏହି ଦିବସରେ ସର୍ବସାଧାରଣ ସମାଜରେ ଏକତାର ବନ୍ଧନକୁ ଆହୁରି ମଜବୁତ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଷ୍ଟ୍ର ଉଦ୍ଦେଶ୍ୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତିରେ ସମ୍ବୋଧନ କରିବେ । ଏହା ସହିତ ଏକତା ଦିବସ ଶପଥ ପାଠ କାର୍ଯ୍ୟକ୍ରମ ଏବଂ ସ୍ୱତନ୍ତ୍ର ପରେଡ୍‌ରେ ଶ୍ରୀ ମୋଦୀ ଯୋଗଦେବେ। ଆରମ୍ଭ ୭ ଦଶମିକ ୦ ଯୋଜନାର ଶୁଭାରମ୍ଭ କରିବା ସହ

ଶ୍ରୀ ମୋଦୀ ୧୦୦ତମ ଫାଉଣ୍ଡେସନ୍ ପାଠ୍ୟକ୍ରମର ପ୍ରଶିକ୍ଷାର୍ଥୀଙ୍କ ସହ ବାର୍ତ୍ତାଳାପ କରିବାର କାର୍ଯ୍ୟସୂଚୀ ରହିଛି ।

## ଗଣଦୌଡ-୨

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକ ଆତ୍ମନିର୍ଭର ଭାରତ  ଗଠନରେ ଆଜି ରାଜ୍ୟବ୍ୟାପୀ ଏକତା ଦୌଡ଼ର ଆୟୋଜନ କରାଯାଇଛି । ଆତ୍ମନିର୍ଭର ଭାରତର ଭାବନାକୁ ଜାଗ୍ରତ କରିବା ଏବଂ ସୁସ୍ଥ ଓ ନିଶାମୁକ୍ତ ଭାରତ ଗଠନରେ ଅଂଶୀଦାର ହେବା ନେଇ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଏକତା ଦୌଡ଼  ଆୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।

## ଶ୍ରୀରାଧାପାଦ ଦର୍ଶନ

କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଆଜି ପୁରୀ ଜିଲ୍ଲା ସାକ୍ଷୀଗୋପାଳସ୍ଥିତ ଗୋପାଳଜୀଉ ମନ୍ଦିରରେ ପବିତ୍ର ଅଁଳାନବମୀରେ ଶ୍ରଦ୍ଧାଳୁମାନେ ଶ୍ରୀରାଧାପାଦ ଦର୍ଶନ କରୁଛନ୍ତି । ସାକ୍ଷୀଗୋପୀନାଥଙ୍କର ସ୍ୱତନ୍ତ୍ର ନଟବର ବେଶ ଅନୁଷ୍ଠିତ ହେଉଥିବା ବେଳେ ସକାଳ ୫ଟାରୁ ଦର୍ଶନ ଆରମ୍ଭ ହୋଇଥିଲା । ପରମ୍ପରା ଅନୁସାରେ ବର୍ଷକରେ ଥରେ ଆଜିର ଦିନରେ ଶ୍ରୀରାଧା ଓଡ଼ିଆଣୀ ବେଶରେ ସଜ୍ଜିତ ହେଉଥିବାରୁ ରାଧାଙ୍କର ପାଦଦର୍ଶନ କଲେସୌଭାଗ୍ୟ ପ୍ରାପ୍ତି ହୋଇଥାଏ । ହବିଷ୍ୟାଳୀମାନେ ମଧ୍ୟ ଅଁଳା ଗଛମୂଳରେ ପୂଜାର୍ଚ୍ଚନା କରିଥାନ୍ତି ।

## ରେଳଷ୍ଟେସନ୍ ଭିତ୍ତିଭୂମି ବିକାଶ

ଦେଶର ୭୬ଟି ରେଳଷ୍ଟେସନ୍‌ରେ ଯାତ୍ରୀ ପ୍ରତୀକ୍ଷାଳୟର ଭିତ୍ତିଭୂମି ବିକାଶ ସଂକ୍ରାନ୍ତ ପ୍ରସ୍ତାବକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁମୋଦନ କରିଛନ୍ତି। ନୂଆଦିଲ୍ଲୀ ରେଳଷ୍ଟେସନ୍‌ଠାରେ ବିକଶିତ ଯାତ୍ରୀ ପ୍ରତୀକ୍ଷାଳୟର ସଫଳତାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୂର୍ବତଟ ରେଳପଥ ଅଧୀନରେ ଭୁବନେଶ୍ୱର ରେଳଷ୍ଟେସନ୍‌କୁ ଏହି ଯୋଜନାରେ ସାମିଲ କରାଯାଇଛି।

ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ୯୨ଟି ରେଳ ଲେବଲ୍ କ୍ରସିଂ ଉପରେ ଓଭର୍‌ବ୍ରିଜ୍ ନିର୍ମାଣ ହେବ । କେନ୍ଦ୍ର ସରକାରଙ୍କର ସଂପୂର୍ଣ୍ଣ ଖର୍ଚ୍ଚରେ ଓଭରବ୍ରିଜ୍‌ଗୁଡ଼ିକ ତିଆରି କରାଯିବ। ପୂର୍ବରୁ ଯେକୌଣସି ରେଳ ଓଭର୍‌ବ୍ରିଜ୍ ନିର୍ମାଣ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ୫୦ ପ୍ରତିଶତ ଲେଖାଏଁ ଅର୍ଥରାଶି ବହନ କରୁଥିଲେ ।

# ପ୍ରଧାନ ବିଚାରପତି

ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ମିଳିଛି । ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କର କାର୍ଯ୍ୟକାଳ ୨୦୨୭ ମସିହା ଫେବୃୟାରୀ ମାସ ୯ ତାରିଖ ପର୍ଯ୍ୟନ୍ତ ରହିବ । ବର୍ତ୍ତମାନର ପ୍ରଧାନ ବିଚାରପତି ବି.ଆର୍ ଗବାଇଙ୍କ ସ୍ଥାନରେ ଆସନ୍ତା ନଭେମ୍ବର ମାସ ୨୪

ତାରିଖରେ ଦାୟିତ୍ୱ ଗ୍ରହଣ କରିବେ । ଜଷ୍ଟିସ୍ ଗବାଇ ନଭେମ୍ବର ମାସ ୨୩ ତାରିଖରେ କାର୍ଯ୍ୟରୁ ଅବସର ନେବେ ।

## ସୁଭଦ୍ରା ଶକ୍ତିମେଳା

ଓଡ଼ିଶାର ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରା କାର୍ଯ୍ୟକ୍ରମ **ସୁଭଦ୍ରା ଶକ୍ତି ମେଳା** ଆଜିଠାରୁ ଭୁବନେଶ୍ୱର ଇଡ଼୍କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ହେବ। ସୁଭଦ୍ରା ଶକ୍ତି ମେଳା ନାରୀଶକ୍ତି ସମୃଦ୍ଧିର ପ୍ରତୀକ ତଥା ମହିଳା ଉଦ୍ୟୋଗୀ ଏବଂ ସାଂସ୍କୃତିକ ପରମ୍ପରାର ମେଳା ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏହି ମେଳା ଆସନ୍ତା ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## ହସ୍ତତନ୍ତ ଜାତୀୟ ସମ୍ମିଳନୀ

ଦେଶର ହସ୍ତତନ୍ତ ଓ ହସ୍ତଶିଳ୍ପ ଆଧାରିତ ଜାତୀୟ ସମ୍ମିଳନୀ ଆଜିଠାରୁ ଭୁବନେଶ୍ୱରରେ ଆରମ୍ଭ ହେଉଛି। ବୟନ ଶିଳ୍ପ ମନ୍ତ୍ରଣାଳୟର ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଆୟୋଗଙ୍କ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ବିଭାଗୀୟ ବରିଷ୍ଠ ପଦାଧିକାରୀ ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ଅଂଶୀଦାର ଯୋଗଦେବେ। ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶର ହସ୍ତତନ୍ତ କ୍ଷେତ୍ରରେ ରହିଥିବା ସୁଯୋଗ ଓ ଆହ୍ୱାନ ଏବଂ ଏହି କ୍ଷେତ୍ର ପାଇଁ ନୂତନ ଯୋଜନା ପ୍ରସ୍ତୁତି ଉପରେ ବିଚାର ବିମର୍ଶ କରାଯିବ।

## କର୍ମଶାଳା

ମହିଳା ଓ ଶିଶୁବିକାଶ ବିଭାଗ, ଭାରତୀୟ ମାନବ ବସତି ପ୍ରତିଷ୍ଠାନ ବେଙ୍ଗାଲୁରୁ ଓ ପ୍ରାରମ୍ଭିକ ଶୈଶବ ଶିଶୁସଦନ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଦୁଇଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି । କର୍ମଶାଳାରେ ରାଜ୍ୟର ସମସ୍ତ ଜିଲ୍ଲା ପ୍ରତିନିଧି, ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସମେତ ବିଭିନ୍ନ ବିଶେଷଜ୍ଞମାନେ ଯୋଗଦେଇଥିଲେ । ଏହି ଅବସରରେ ମହିଳା ଏବଂ ଶିଶୁ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ କହିଛନ୍ତି, ମହିଳାଙ୍କ ଶ୍ରମଶକ୍ତି ଅଂଶଗ୍ରହଣକୁ ବୃଦ୍ଧି କରିବା ସହ କର୍ମଜୀବୀ ମାଆମାନେ ନିରାପଦ, ନିର୍ଭରଯୋଗ୍ୟ ଶିଶୁ ଯତ୍ନ ସୁବିଧା ପାଇବା ଏହି କର୍ମଶାଳାର ଉଦ୍ଦେଶ୍ୟ ।

## ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କୃଷି ଉଦ୍ୟାନ, ପ୍ରାଣୀସମ୍ପଦ ଓ ମତ୍ସ୍ୟବିଭାଗର ବିଭିନ୍ନ ଯୋଜନା ଏବଂ ଧରତୀମାତା ବଞ୍ଚାଅ ଅଭିଯାନ ସମ୍ବନ୍ଧୀୟ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୨୨ଟି ବ୍ଲକର ୧୦୦ଟି ଗ୍ରାମକୁ ଚିହ୍ନଟ କରାଯାଇଛି । କୃଷି ବୈଜ୍ଞାନିକ ଏବଂ କୃଷି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ସହ କମ୍ ପରିମାଣରେ ସାର ପ୍ରୟୋଗ କରିବା ଉପରେ ଚାଷୀମାନଙ୍କୁ ଏହିସବୁ ବ୍ଲକରେ ସଚେତନ କରାଇବେ ।